# D.A.V.PUBLIC SCHOOL, BHUBANESWAR.

## FIRST PERIODIC TEST – (2018—2019)

## STD -- VII SUD --- HIGHER ODIA

TIME---1hr.30mints F.M.-40

(କ–ବିଭାଗ)

୧.ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ । (୪x୧=୪)

ବଞ୍ଚିବାର ଅଧିକାର ହେଉଛି ମଣିଷର ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ ଅଧିକାର । ସମ୍ମାନର ସହ ବିନା ଭୟରେ ବଞ୍ଚିବା ହେଉଛି ମାନବିକ ଅଧିକାର । ତେଣୁ କୌଣସି ବ୍ୟକ୍ତିକୁ ବନ୍ୟଜନ୍ତୁ ମାରିଦେଲେ ଆଇନ୍ ଅନୁସାରେ ଏହା ମାନବିକ ଅଧିକାରର ଉଲଙ୍ଘନ ହେଲା ବୋଲି କୁହାଯାଇପାରେ । ଯେଉଁ କାରଣରୁ ଏ କ୍ଷେତ୍ରରେ ସରକାରଙ୍କ ନିକଟରେ କ୍ଷତି ପୂରଣ ଦାବି କରାଯାଇପାରିବ । ଯଦି ମଣିଷ ପ୍ରତିଶୋଧ ପରାୟଣ ହୋଇ ବନ୍ୟଜନ୍ତୁଙ୍କୁ ମାରେ ତେବେ ଏହା କାହାର ଅଧିକାର ବା ସ୍ୱାର୍ଥରେ ବାଧା ସୃଷ୍ଟି କରିବ ? ମଣିଷ ପଶୁ ଲଢେଇରେ ମଣିଷ ହିଁ ପ୍ରକୃତରେ କ୍ଷତିଗ୍ରସ୍ତ ହୋଇଥାଏ । କାରଣ ବନ୍ୟଜନ୍ତୁଙ୍କୁ ମାରିଦେଲେ ଏହାର କୁ ପ୍ରଭାବ ଆମ ପରିବେଶ ଉପରେ ପଡିବ । ବନ୍ୟଜନ୍ତୁ ଓ ଜଙ୍ଗଲ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ବନ୍ୟଜନ୍ତୁ ରହିଲେ ହିଁ ଜଙ୍ଗଲ ରହିବ । କାରଣ ଜଙ୍ଗଲ ହେଉଛି ବନ୍ୟଜନ୍ତୁଙ୍କର ପ୍ରାକୃତିକ ବାସସ୍ଥଳୀ । ତେଣୁ ଜଙ୍ଗଲ ନିକଟବର୍ତ୍ତୀ ଅଂଚଳରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ବନ୍ୟଜନ୍ତୁ ସଂରକ୍ଷଣ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ।

ପ୍ରଶ୍ନ— (କ) ଜଙ୍ଗଲ ରହିବାର ଆବଶ୍ୟକତା କ'ଣ ?

(ଖ) ମାନବିକ ଅଧିକାର କହିଲେ କ'ଣ ବୁଝାଯାଏ ?

(ଗ)ଜଙ୍ଗଲ ନିକଟବର୍ତୀ ଅଂଚଳବାସୀଙ୍କ ମଧ୍ୟରେ କି ପ୍ରକାର ସଚେତନତା ସୃଷ୍ଟି କରିବା ଆବଶ୍ୟକ ?

(ଘ) ମଣିଷ ଓ ପଶୁ ଲଢେଇରେ ପ୍ରକୃତରେ କାହାର କ୍ଷତି ହୋଇଥାଏ ଏବଂ କାହିଁକି ?

(ଖ–ବିଭାଗ)

୨. ଅନୁଚ୍ଛେଦ ଲେଖ । (୫)

ସମୟାନୁବର୍ତ୍ତିତା

୩. ସମ୍ବାଦ ପତ୍ର ପାଠର ଉପାଦେୟତା ସଂପର୍କରେ ବର୍ଣ୍ଣନା କରି ସାନ ଭାଇ ନିକଟକୁ ଏକ ପତ୍ର ଲେଖ । (୪)

(ଗ–ବିଭାଗ)

୪. ସନ୍ଧି ବିଚ୍ଛେଦ କର । (୩ x ୧ = ୩)

ଅନ୍ୱେଷଣ, ସଦିଚ୍ଛା, ମାତୁଳାଳୟ

୫. ଶବ୍ଦ ଗୁଡିକର ଅର୍ଥ ଲେଖ । (୨x ୧ = ୨)

ଅଙ୍ଗୀକାର, ଅସରପି

(ଖ) ବାକ୍ୟ ଗଠନ କର । (୨ x ୧ = ୨)

ମୁହଁ ଭାଙ୍ଗି ଦେବା , ଅନୁରକ୍ତ

(ଗ) ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ । (୨ x ୧ = ୨ )

ପ୍ରାଚୀନ , କ୍ଷୁଦ୍ର .

(ଘ) ଶବ୍ଦଗୁଡ଼ିକର ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (୨ x ୧ = ୨ )

ନିଧନ–ନିଧନ , ଶୁଚି—ଶ୍ରୁତି

(ଘ–ବିଭାଗ )

୬. ସରଳ ଭାଷାରେ ବୁଝାଇ ଲେଖ । (୪)

ନେଲୁ ନାହିଁ କାହିଁ ପାଇଁ ତୋ କଠାଉ ଛତା,
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା ।

୭. ସଂକ୍ଷେପରେ ଉତ୍ତର ଦିଅ । (୪ x ୨ = ୮)

(କ) ରାମଚନ୍ଦ୍ର ଲବକୁଶଙ୍କର ପରିଚୟ କିପରି ପାଇଲେ ?

(ଖ) ଆମ୍ଭ ଭାସ୍କରଙ୍କୁ ଅନ୍ୟମାନେ କାହିଁକି କ୍ଷୁଦ୍ର ତାରା ବୋଲି କହନ୍ତି ?

(ଗ) ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର ତାତ୍ପର୍ଯ୍ୟ କ 'ଣ ?

(ଘ) ଗଙ୍ଗାମାତା ଚକୁଳିଆ ପଣ୍ଡା ପ୍ରତି ଦୟାଭାବ ଦେଖାଇଲେ କାହିଁକି ?

୮. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । (୪ x ୧ = ୪ )

(କ) ସୀତାଙ୍କ ପିତା କେଉଁ ରାଜ୍ୟର ଅଧିପତି ଥିଲେ ?

( କ– ଅଯୋଧ୍ୟା ଖ– କିଷ୍କିନ୍ଧ୍ୟା ଗ– ମିଥିଳା ଘ– ଦ୍ୱାରକା )

(ଖ) ଓଡିଆ ଭାଷାର କୋଣାର୍କ କିଏ ?

(କ– ଉତ୍କଳ କାହାଣୀ ଖ– ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଗ– ସାରଳା ମହାଭାରତ ଘ – ବିଲଙ୍କା ରାମାୟଣ )

(ଗ) ତାରା–ସୂର୍ଯ୍ୟ କବିତାଟି କବିଙ୍କର କେଉଁ କବିତା ସଂକଳନରୁ ଆସିଅଛି ?

(କ– ତପସ୍ୱିନୀ ଖ– କୀଚକବଧ ଗ – ଇନ୍ଦୁମତୀ ଘ – ଅର୍ଘ୍ୟଥାଳୀ )

(ଘ) "କଳା ମାଣିକରେ " କବିତାରେ 'ଧୀରେ ' ଶବ୍ଦର ଅର୍ଥ କ'ଣ ?

( କ– ଆସ୍ତେଆସ୍ତେ , ଖ– ଧୀରେଧୀରେ , ଗ– ପଣ୍ଡିତମାନେ , ଘ– ଶୀଘ୍ରଶୀଘ୍ର )

***************************